Edelweiss
Ideas create, values protect

## ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀ

### ଇଡେଲୱାଇସ୍ ହାଉସିଂ ଫାଇନାନ୍ସ ଲିମିଟେଡ୍

| ନିମ୍ନ ପକ୍ଷଙ୍କ ମଧ୍ୟରେ ସମ୍ମତ ଋଣର ପ୍ରଧାନ ନିୟମ ଓ ସର୍ତ୍ତାବଳୀ | |
|---|---|
| ଆବେଦନକାରୀ | |
| ସହ-ଆବେଦନକାରୀ | |
| ସହ-ଆବେଦନକାରୀ | |
| (ଏତଦ୍‌ପଶ୍ଚାତ୍ ବ୍ୟକ୍ତିଗତ ଏବଂ/କିମ୍ବା ସାମୁହିକ ଭାବେ "ଋଣଗ୍ରହୀତା/ମାନେ" ଭାବେ ସମ୍ବୋଧିତ) | |
| ଏବଂ | |
| ଇଡେଲୱାଇସ୍ ହାଉସିଂ ଫାଇନାନ୍ସ ଲିମିଟେଡ୍ (ଇଏଚ୍ଏଫ୍ଏଲ୍) | |

**ଉପରୋକ୍ତ ଋଣ ଖାତା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀର ଏକ ସଂକ୍ଷିପ୍ତ ବିବରଣୀ ଦୟାକରି ନିମ୍ନରେ ଦେଖନ୍ତୁ:**

**I. ଋଣର ବିବରଣୀ:-**

| | |
|---|---|
| ଋଣର ପରିମାଣ | |
| ଋଣର ଉଦ୍ଦେଶ୍ୟ (ସ୍କିମ୍) | ନିର୍ମାଣ / କ୍ରୟ / ସମ୍ପ୍ରସାରଣ / ନବୀକରଣ / ଉନ୍ନତିକରଣ / ବନ୍ଧକ / ପ୍ଲଟ୍ / କମ୍ପୋଜିଟ୍ / ବ୍ୟବସାୟିକ / (ଅନ୍ୟ କୌଣସି ଦୟାକରି ସୂଚିତ କରନ୍ତୁ_______ |
| ପ୍ରକାର (ସ୍ଥିର କିମ୍ବା ଚଳମାନ କିମ୍ବା ଦ୍ୱୈତ/ | ________________ବାର୍ଷିକ [ସ୍ଥିତର / ପରିବର୍ତ୍ତନଶୀଳ / ଦ୍ୱୈତ - ବାର୍ଷିକ / ମାସିକ] |
| ଆଦାୟଯୋଗ୍ୟ ସୁଧ | _____% ବାର୍ଷିକ (____% ସନ୍ଦର୍ଭ ଦର - __________% ମାର୍ଜିନ୍) ଚଳମାନ ଦର ଋଣଗୁଡ଼ିକ ପାଇଁ; ଏବଂ/କିମ୍ବା _____% ସ୍ଥିର ହାର ଋଣଗୁଡ଼ିକ ପାଇଁ) |
| ମିଆଦ | __________ବର୍ଷ |
| କିସ୍ତିର ପ୍ରକାର | ମାସିକ |
| ସାମୟିକ ବିରତି କିମ୍ବା ସବ୍‌ସିଡି | |
| ସୁଧ ପୁନଃ-ସ୍ଥିର ହେବା ତାରିଖ | |
| ସୁଧ ହାରରେ ପରିବର୍ତ୍ତନ ସମ୍ପର୍କରେ ସୂଚନା ପଠାଯିବାର ପଦ୍ଧତି (ସମ୍ପର୍କିତ ପଦ୍ଧତି ଉପରେ ଠିକ୍ ଚିହ୍ନ ଦିଅନ୍ତୁ) | ସୁଧ ହାରରେ କୌଣସି ପରିବର୍ତ୍ତନ ହେଲେ ସେ ସମ୍ପର୍କରେ ଋଣଗ୍ରହୀତାଙ୍କୁ ଇଏଚ୍ଏଫ୍ଏଲ୍ ନିକଟରେ ଉପଲବ୍ଧ ତାଙ୍କର ଯୋଗାଯୋଗ ବିବରଣୀ ଅନୁଯାୟୀ ଏସ୍ଏମ୍ଏସ୍/ଇ-ମେଲ/କୋରିୟର୍ ଅଥବା ସେ ସମୟରେ ପ୍ରଚଳିତ ଅନ୍ୟ କୌଣସି ବୈଦ୍ୟୁତିକ ମାଧ୍ୟମରେ ସୂଚିତ କରାଯିବ । |

Edelweiss
Ideas create, values protect

**II. ଦେୟ ଏବଂ ଅନ୍ୟାନ୍ୟ ଶୁଳ୍କ:**

| | |
|---|---|
| **ଆବେଦନ ଉପରେ** | ପ୍ରକ୍ରିୟାକରଣ ଦେୟ<br>ସିଇଆରଏସ୍ଏଆଇ ଦେୟ : |
| **ଋଣ ମଞ୍ଜୁର/ବିତରଣ ନ ହେଲେ ଫେରସ୍ତଯୋଗ୍ୟ ଦେୟ** | ଋଣ ସୁବିଧା ହାସଲ ପାଇଁ ଗ୍ରାହକଙ୍କ ଦ୍ୱାରା ପୈଠ କରାଯାଇଥିବା ପ୍ରକ୍ରିୟାକରଣ ଦେୟ ଅଣଫେରସ୍ତଯୋଗ୍ୟ ଅଟେ । |

ଅନ୍ୟାନ୍ୟ ପ୍ରଯୁଜ୍ୟ ଦେୟ ତଥା ଅନ୍ୟାନ୍ୟ ଶୁଳ୍କଗୁଡ଼ିକର ବିବରଣୀ ଏମ୍ଆଇଟିସି ଦଲିଲ ସହ ସଂଲଗ୍ନ ପରିଶିଷ୍ଟରେ ଦେୟ ଓ ଶୁଳ୍କଗୁଡ଼ିକ ଭାବେ ଦର୍ଶିତ ଏବଂ ସେଗୁଡ଼ିକୁ ଆମ ୱେବସାଇଟ https://www.edelweisshousingfin.com/FeesCharges ରେ ମଧ୍ୟ ଅପଡେଟ୍ କରାଯିବ

ପ୍ରଯୁଜ୍ୟ ଆଇନ ଅଧୀନରେ ଟିକସ, ଶୁଳ୍କ, କର ଏବଂ ସେସ୍ ଇତ୍ୟାଦି, ସମୟ ସମୟରେ ପରିବର୍ତ୍ତିତ ହେଉଥିବା ଅନୁଯାୟୀ, ଉପରଦର୍ଶିତ ଦେୟ ଏବଂ/କିମ୍ବା ଶୁଳ୍କ ଉପରେ ଏବଂ ଅତିରିକ୍ତ ଭାବେ ଆଦାୟ କରାଯିବ । ଶୁଳ୍କଗୁଡ଼ିକ ଆଜି ତାରିଖ ସୁଦ୍ଧା ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ଅଟେ ଏବଂ ଏହା ସମୟ ସମୟରେ ପରିବର୍ତ୍ତିତ ହୋଇପାରେ । କମ୍ପାନୀ ଏହାର ୱେବ୍ସାଇଟ୍ରେ ସଂଶୋଧିତ ସଂସ୍କରଣ ସମୟ ସମୟରେ ଅପ୍ଡେଟ୍ କରିବ।

ଦେୟ, ଶୁଳ୍କ, ଖର୍ଚ୍ଚ ଏବଂ ଦାବିଗୁଡ଼ିକ ଉପରେ ସବିସ୍ତୃତ ନିୟମ ଓ ସର୍ତ୍ତାବଳୀ ଋଣ ରାଜିନାମାରେ ଦର୍ଶାଯାଇଛି ।

**III. ଋଣ ପାଇଁ ବନ୍ଧକ**

| | |
|---|---|
| **ସମ୍ପତ୍ତିର ଠିକଣା** | |
| **ଜାମିନଦାତାଙ୍କ ନାମ** | |
| **ଅନ୍ୟାନ୍ୟ ବନ୍ଧକ** | |

ଋଣର ବନ୍ଧକ ସାଧାରଣ ଭାବେ ଯେଉଁ ସମ୍ପତ୍ତି ଉପରେ ଅର୍ଥଯୋଗାଣ କରାଯାଉଥିବ ତାହା ଉପରେ ଏବଂ / କିମ୍ବା ଇଏଚ୍ଏଫ୍ଏଲ୍ ଦ୍ୱାରା ଅଧାଦେଶ ଅନୁଯାୟୀ ଅନ୍ୟ କୌଣସି ଅତିରିକ୍ତ ସମ୍ପତ୍ତି/ ଜାମିନଦାତା ପ୍ରକୃତିର ଅନ୍ୟ କୌଣସି ଅତିରିକ୍ତ ବନ୍ଧକ ଉପରେ ବନ୍ଧକ ସୁଧ ହେବ। ମଞ୍ଜୁର ଋଣର ବନ୍ଧକ ବିବରଣୀ ସମ୍ପର୍କରେ ଜାଣିବା ପାଇଁ ଋଣଗ୍ରହୀତା/ମାନଙ୍କୁ ଋଣ ରାଜିନାମା ଏବଂ ମଞ୍ଜୁରୀ ପତ୍ର ଦେଖିବା ପାଇଁ ପରାମର୍ଶ ଦିଆଯାଉଛି ।

**IV. ସମ୍ପତ୍ତି / ଋଣଗ୍ରହୀତାଙ୍କ ବୀମା**

ଋଣଗ୍ରହୀତା ଇଏଚ୍ଏଫ୍ଏଲ୍ର ଆବଶ୍ୟକତା ଅନୁଯାୟୀ ମୂଲ୍ୟ ନିମନ୍ତେ, ଏବଂ ଗ୍ରହଣଯୋଗ୍ୟ ବୀମା କମ୍ପାନୀରେ ସମ୍ପତ୍ତିକୁ ଅଗ୍ନି ଏବଂ ଅନ୍ୟାନ୍ୟ ବିପଦ-ଆପଦ ପାଇଁ ବୀମାଭୁକ୍ତ କରିବେ ଏବଂ ବୀମାଭୁକ୍ତ କରି ରଖିବେ । ବୀମା ପଲିସି ଅଧୀନରେ ଇଏଚ୍ଏଫ୍ଏଲ୍କୁ ଏକମାତ୍ର ହିତାଧିକାରୀ କରାଯିବ।

**ସମ୍ପତ୍ତି ବୀମା :** ____________________

**ଋଣଗ୍ରହୀତା ବୀମା :** ____________________

Edelweiss
Ideas create, values protect

**V. ରଣ ବିତରଣ ନିମନ୍ତେ ସର୍ତ୍ତାବଳୀ**

ଇଏଚ୍ଏଫ୍ଏଲ୍‌ର ସନ୍ତୁଷ୍ଟି ଏବଂ ଏକାକୀ ନିଷ୍ପତ୍ତି ଅନୁଯାୟୀ ହାଉସିଂ ରଣ ମଞ୍ଜୁରୀ ପତ୍ର ଏବଂ ରଣ ରାଜିନାମାରେ ଦର୍ଶାଯାଇଥିବା ସର୍ତ୍ତାବଳୀ ପୂରଣ ନ ହେଲେ ଇଏଚ୍ଏଫ୍ଏଲ୍ ରଣ କିମ୍ବା ରଣର କୌଣସି କିସ୍ତି ରଣଗ୍ରହୀତାଙ୍କୁ ବିତରଣ କରିବ ନାହିଁ । କେତୋଟି ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା:

a. ରଣଗ୍ରହୀତା ଇଏଚ୍ଏଫ୍ଏଲ୍‌ର ରଣ ଯୋଗ୍ୟତାର ଆବଶ୍ୟକତାକୁ ନିହାତି ଭାବେ ପୂରଣ କରିବା ଆବଶ୍ୟକ ।
b. ମଞ୍ଜୁରୀ ପତ୍ର/ରଣ ରାଜିନାମାରେ ଦର୍ଶିତ ସମସ୍ତ ସମ୍ପର୍କିତ କାଗଜପତ୍ର ଦାଖଲ କରିବା ।
c. ରଣ ରାଜିନାମା ଏବଂ ଏପରି ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାଗଜପତ୍ରରେ ଦସ୍ତଖତ କରିବା।
d. କିସ୍ତି ପରିଶୋଧ ବାବଦରେ ପୋଷ୍ଟ ଡେଟେଡ୍ ଚେକ୍ / ଇସିଏସ୍ ଦାଖଲ କରିବା ।
e. ଇଏଚ୍ଏଫ୍ଏଲ୍ ସପକ୍ଷରେ ବନ୍ଧକ ସୃଷ୍ଟି କରାଯିବା ।
f. ରଣଗ୍ରହୀତା ଏହା ସୁନିଶ୍ଚିତ କରିବେ ଯେ ତାଙ୍କ ନିକଟରେ ସମ୍ପତ୍ତି (ବନ୍ଧକ)ର ସମ୍ପୂର୍ଣ୍ଣ, ସ୍ୱଷ୍ଟ ଏବଂ ବିପଣନଯୋଗ୍ୟ ମାଲିକାନା ରହିଛି ଏବଂ କଥିତ ସମ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଜବରଦଖଲମୁକ୍ତ ଏବଂ କୌଣସି ଉତ୍ତରଦାୟୀତାରୁ ମୁକ୍ତ ହୋଇଥିବ ।
g. ନିଜର କର୍ମନିଯୁକ୍ତି / ଯୋଗାଯୋଗ ବିବରଣୀରେ କୌଣସି ପରିବର୍ତ୍ତନ ସମ୍ପର୍କରେ ଇଏଚ୍ଏଫ୍ଏଲ୍‌କୁ ସୂଚିତ କରିବା ।
h. ବିତରଣର ବିନିଯୋଗ କେବଳ ସମ୍ପତ୍ତିର ଅଧିଗ୍ରହଣ/ନିର୍ମାଣ କିମ୍ବା ସୂଚିତ ଉପଯୋଗ ବାବଦରେ କରାଯିବ । ନିର୍ମାଣ ମାମଲାରେ, ବିତରଣ ନିର୍ମାଣର ସ୍ତର ସହ ସଂଯୁକ୍ତ ହେବ ।
i. ସମ୍ପୂର୍ଣ୍ଣ ମଞ୍ଜୁର ଅର୍ଥରାଶି ବିତରଣ ନ ହେବା ପର୍ଯ୍ୟନ୍ତ ପ୍ରାକ୍-ଇଏମ୍ଆଇ ସୁଧ ଆଦାୟ କରାଯିବ।
j. ରଣ ଉପରେ କୌଣସି ଖିଲାପର ଘଟଣା ଘଟି ନ ଥିବ । ଖିଲାପ ଘଟଣାଗୁଡ଼ିକ ରଣ ରାଜିନାମାରେ ଦର୍ଶାଯାଇଛି ।
k. ଏପରି କୌଣସି ପରିସ୍ଥିତି ଉପୁଜି ନ ଥିବ, ଯାହା ଇଏଚ୍ଏଫ୍ଏଲ୍ ମତରେ, ରଣଗ୍ରହୀତାଙ୍କୁ ରଣ ରାଜିନାମା ତଥା ରଣ ସୁବିଧା ହାସଲ ପାଇଁ ରଣଗ୍ରହୀତାଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ଅନ୍ୟାନ୍ୟ ମାନକ କାଗଜପତ୍ର ଅନୁଯାୟୀ ରଣଗ୍ରହୀତାଙ୍କ ପାଇଁ ବାଧ୍ୟତା ପୂରଣ କରିବା ଅସମ୍ଭବ ହୋଇପଡ଼ିବ ।
l. ବନ୍ଧକର ଏନ୍ଓସି/ଅନୁମତି/ଅନୁମୋଦନ ଇତ୍ୟାଦି ଏବଂ ବନ୍ଧକ ସୃଷ୍ଟି

**VI. ରଣ ଓ ସୁଧ ପରିଶୋଧ**

ସୁଧର ହାର, ପ୍ରାକ୍ ସମୀକୃତ ମାସିକ କିସ୍ତି ସୁଧ (ପିଇଏମ୍ଆଇଆଇ)/ ସମାନ ମାସିକ କିସ୍ତି (ଇଏମ୍ଆଇ) ଏବଂ କିସ୍ତିର ସଂଖ୍ୟା, ରଣର ମିଆଦ ଉପରେ ସୂଚନା ରଣଗ୍ରହୀତାଙ୍କୁ ଦିଆଯାଇଥିବା ମଞ୍ଜୁରୀ ପତ୍ରରେ ଦର୍ଶାଯିବ। ଇଏଚ୍ଏଫ୍ଏଲ୍‌ର ନିରପେକ୍ଷ କାର୍ଯ୍ୟପଦ୍ଧତି ସଂହିତା ଅନୁଯାୟୀ ସମାଯୋଜନଯୋଗ୍ୟ ସୁଧ ହାର/ପିଇଏମ୍ଆଇଆଇ/ଇଏମ୍ଆଇରେ କୌଣସି ପରିବର୍ତ୍ତନ ସମ୍ପର୍କରେ ରଣଗ୍ରହୀତାଙ୍କୁ ଇଏଚ୍ଏଫ୍ଏଲ୍ ନିକଟରେ ଉପଲବ୍ଧ ତାଙ୍କର ଯୋଗାଯୋଗ ମାଧ୍ୟମରେ ସୂଚିତ କରାଯିବ । ରଣ ରାଜିନାମାରେ ଦର୍ଶାଯାଇଥିବା ଅନୁଯାୟୀ ସ୍ଥିରୀକୃତ ଇଏମ୍ଆଇ/ପିଇଏମ୍ଆଇଆଇରେ ଧାର୍ଯ୍ୟ ତାରିଖରେ ରଣ ପରିଶୋଧ କରିବାକୁ ହେବ ।

ଇଏମ୍ଆଇ/ପିଇଏମ୍ଆଇଆଇ ଇଏଚ୍ଏଫ୍ଏଲ୍ ସପକ୍ଷରେ ଇସିଏସ୍/ପର-ତାରିଖ ଚେକ୍ ମାଧ୍ୟମରେ ଅଧ୍ୟାଦେଶକୃତ ।

**ରଣଗ୍ରହୀତା ଏହା ସୁନିଶ୍ଚିତ କରିବେ ଯେ:**

- ରଣଗ୍ରହୀତାଙ୍କ ଯେଉଁ ବ୍ୟାଙ୍କ ଖାତାରୁ ଡେବିଟ୍ ହେବା ପାଇଁ ସ୍ଥିର ହୋଇଥିବ ସେଥିରେ ଯେପରି ପର୍ଯ୍ୟାପ୍ତ ପାଣ୍ଠି ଉପଲବ୍ଧ ରହେ ।
- ଇଏମ୍ଆଇ ପରିଶୋଧ ବାବଦରେ ଦିଆଯାଇଥିବା ଚେକ୍/ଉପକରଣକୁ ରଦ୍ଦ/ଷ୍ଟପ୍ ପେମେଣ୍ଟ ଯେପରି କରା ନ ଯାଏ । ଆହୁରି ମଧ୍ୟ, ପରିଶୋଧ ଉପକରଣ ଯେଉଁ ଖାତାରୁ ଉଠାଣ କରୁଥିବ ତାହାକୁ ଯେପରି ବନ୍ଦ କିମ୍ବା ପରିବର୍ତ୍ତନ କରା ନ ଯାଏ (ଇଏଚ୍ଏଫ୍ଏଲ୍ ସମ୍ମତି ଅନୁଯାୟୀ ବିକଳ୍ପ ବ୍ୟବସ୍ଥା କରିଥିଲେ ଏହା ଲାଗୁ ହେବ ନାହିଁ)।

Edelweiss
Ideas create, values protect

- ସମ୍ପୃକ୍ତ ଧାର୍ଯ୍ୟ ତାରିଖ କିମ୍ବା ତାହା ପୂର୍ବ ସୁଦ୍ଧା କିସ୍ତି ପୈଠ କରାଯାଏ, ଅନ୍ୟଥା, ବକେୟା ଋଣ ପରିମାଣ ଏବଂ ସମସ୍ତ ସଂଗୃହୀତ ସୁଧ ତତ୍କାଳ ଧାର୍ଯ୍ୟ ଓ ପୈଠଯୋଗ୍ୟ ହୋଇଯିବ । ଋଣଗ୍ରହୀତା ଶୁଳ୍କଗୁଡ଼ିକର ବିବରଣୀରେ ସ୍ଥିର ହୋଇଥିବା ଅନୁଯାୟୀ ଦେୟ ପୈଠ କରିବା ପାଇଁ ମଧ୍ୟ ଉତ୍ତରଦାୟୀ ରହିବେ ।
- ପରିଶୋଧର ସବିସ୍ତୃତ ନିୟମ ଓ ସର୍ତ୍ତାବଳୀ ଋଣ ରାଜିନାମାରେ ଦର୍ଶାଯାଇଛି ।

**VII. ଅତିଦେୟ ଅସୁଲି ପାଇଁ ଅନୁସରଣ କରାଯିବାକୁ ଥିବା ସଂକ୍ଷିପ୍ତ ପଦ୍ଧତି**

ଖିଲାପ ଘଟଣା କ୍ଷେତ୍ରରେ (ଅର୍ଥାତ୍ ଋଣଗ୍ରହୀତାଙ୍କ ଋଣ ଖାତାରେ ବକେୟା ଥିବା ଅର୍ଥରାଶି ଧାର୍ଯ୍ୟ ତାରିଖ ସୁଦ୍ଧା ପୈଠ କରା ନ ଯାଏ କିମ୍ବା ରାଜିନାମାର କୌଣସି ଉପଧାରା ଉଲ୍ଲଂଘନ କରାଯାଏ), ଋଣଗ୍ରହୀତାଙ୍କୁ ସମୟ ସମୟରେ ତାଙ୍କ ଋଣ ଖାତା ଉପରେ ଥିବା କୌଣସି ବକେୟା ସମ୍ପର୍କରେ ଡାକ, ଫାକ୍ସ, ଟେଲିଫୋନ୍, ଇ-ମେଲ୍, ଏସ୍‌ଏମ୍‌ଏସ୍ ମାଧ୍ୟମରେ ଏବଂ/କିମ୍ବା ବକେୟା ରାଶି ସମ୍ପର୍କରେ ସ୍ମରଣ କରାଇବା, ଫଲୋଅପ୍ ଏବଂ ସଂଗ୍ରହ କରିବା ନିମନ୍ତେ ନିଯୁକ୍ତ ତୃତୀୟ ପକ୍ଷଙ୍କ ମାଧ୍ୟମରେ ସ୍ମରଣ କରାଯିବ। ସଂଗ୍ରହ ପଦ୍ଧତିରେ ନିମ୍ନଲିଖିତ ଅନ୍ତର୍ଭୁକ୍ତ:

a. **ଟେଲି-କଲିଂ ଏବଂ ପିକ୍ ଅପ୍:** ଏହି ପଦ୍ଧତିରେ ଋଣଗ୍ରହୀତାଙ୍କ ସହିତ ଫୋନ୍‌ରେ ଯୋଗାଯୋଗ କରାଯାଏ ଏବଂ ସେମାନଙ୍କୁ ଧାର୍ଯ୍ୟ ତାରିଖ ଅତିକ୍ରମ ହୋଇଯିବା କଥା ସ୍ମରଣ କରାଯାଏ ଏବଂ ଯଥାଶୀଘ୍ର ବକେୟା ରାଶି ପୈଠ କରିବା ପାଇଁ ଅନୁରୋଧ କରାଯାଏ ।
b. **କ୍ଷେତ୍ର ସଂଗ୍ରହ:** ଏହି ପଦ୍ଧତିରେ ଋଣଗ୍ରହୀତାଙ୍କ ସହ ସାକ୍ଷାତ୍ କରାଯିବା ଏବଂ ଧାର୍ଯ୍ୟ ରାଶି ସଂଗ୍ରହ କରାଯିବା ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟ ଇଏଚ୍‌ଏଫ୍‌ଏଲ୍‌ର କର୍ମଚାରୀ କିମ୍ବା ପ୍ରାଧିକୃତ ପ୍ରତିନିଧିଙ୍କ ମାଧ୍ୟମରେ ସମ୍ପାଦନ କରାଯିବା ଆବଶ୍ୟକ । ଦେୟରାଶି ନଗଦ କିମ୍ବା ଚେକ୍/ଡିଡି ଆକାରରେ ସଂଗ୍ରହ କରାଯିବ ଏବଂ ଋଣଗ୍ରହୀତାଙ୍କୁ ଏକ ରସିଦ୍ ଜାରି କରାଯିବ ।
c. ଇଏଚ୍‌ଏଫ୍‌ଏଲ୍‌ର ନୀତି ଅନୁଯାୟୀ ତଥା ପ୍ରଯୁଜ୍ୟ ଆଇନ ଅନୁଯାୟୀ ପ୍ରତ୍ୟେକ ଖିଲାପକାରୀ ଖାତାର ପରିସ୍ଥିତି ଭିତ୍ତିରେ **ଆଇନଗତ କାର୍ଯ୍ୟାନୁଷ୍ଠାନ** ଗ୍ରହଣ କରାଯିବ ।

ତେଣୁ, ଖିଲାପକାରୀ ଖାତାର ଭିନ୍ନ ବର୍ଗ ପାଇଁ ଉପଯୁକ୍ତ ଏବଂ ପ୍ରଭାବୀ କଭରେଜ୍ ଲାଗି ଇଏଚ୍‌ଏଫ୍‌ଏଲ୍ କ୍ଷେତ୍ର ପରିଦର୍ଶନ, ଲିଖିତ ଯୋଗାଯୋଗ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନର ବିଚାରବନ୍ତ ମିଶ୍ରଣ ପ୍ରୟୋଗ କରିବ।

**VIII.** ତାରିଖ, ଯେଉଁଦିନ ବାର୍ଷିକ ବକେୟା ବଳକା ରାଶି ବିବରଣୀ ଜାରି କରାଯିବ: ଗ୍ରାହକଙ୍କ ଅନୁରୋଧକ୍ରମେ

**IX. ଗ୍ରାହକ ସେବା**

**A) ପରିଦର୍ଶନ ନିର୍ଘଣ୍ଟ** - ଶାଖା: 10 AM - 5 PM, ସୋମ-ଶୁକ୍ର (ସର୍ବସାଧାରଣ ଛୁଟିଦିନଗୁଡ଼ିକୁ ଛାଡ଼ି)

**B) କାଗଜପତ୍ର ଅନୁରୋଧ ସମେତ ଯେକୌଣସି ସେବା ସମ୍ପର୍କିତ ସମସ୍ୟା ପାଇଁ, ଋଣଗ୍ରହୀତା ନିମ୍ନ ଅନୁଯାୟୀ ଇଏଚ୍‌ଏଫ୍‌ଏଲ୍ ସହ ସମ୍ପର୍କ କରିପାରିବେ:**

(i) ଇମେଲ୍ କରନ୍ତୁ homeservice@edelweissfin.com ରେ
(ii) ଆମ ସହ ଯୋଗାଯୋଗ କରନ୍ତୁ 1-800-1026371 (ଟୋଲ୍-ଫ୍ରି) ସୋମବାରରୁ ଶୁକ୍ରବାର 10 A.M. ରୁ 5 P.M.
(iii) ଅନଲାଇନ୍ ରେ www.edelweisshousingfin.com ରେ ଲଗ୍ ଇନ୍ କରି

**C) ନିମ୍ନଲିଖିତ କାଗଜପତ୍ର ଯୋଗାଇବାର ସମୟରେଖା:**

(i) ଋଣ ଖାତା ବିବରଣୀ - 2 କାର୍ଯ୍ୟ ଦିବସ
(ii) ମାଲିକାନା ଦଲିଲ ଫଟୋକପି - 12 କାର୍ଯ୍ୟ ଦିବସ
(iii) ଋଣର ସମାପ୍ତି / ସ୍ଥାନାନ୍ତର ପରେ ମୂଳ ଦଲିଲଗୁଡ଼ିକ ଫେରସ୍ତ - 15 କାର୍ଯ୍ୟ ଦିବସ

## IX. ଅଭିଯୋଗ ନିରାକରଣ

କୌଣସି ଆପତ୍ତି/ଅଭିଯୋଗ ପାଇଁ ଋଣଗ୍ରହୀତା ଆମର କର୍ପୋରେଟ୍ କାର୍ଯ୍ୟାଳୟ ସହ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଯୋଗାଯୋଗ କରିପାରନ୍ତି:

ଶ୍ରୀମତୀ ଶିବାଲି ଶିନ୍ଦେ
ଇମେଲ: homeservice@edelweissfin.com
ମେଲ୍: ଇଡେଲୱାଇସ୍ ହାଉସିଂ ଫାଇନାନ୍ସ ଲିଃ, ଇଡେଲୱାଇସ୍ ହାଉସ୍, ଅଫ୍. ସି.ଏସ୍.ଟି. ରୋଡ୍, କାଲିନା, ମୁମ୍ବାଇ - 400098; ଟେଲିଫୋନ୍: 022 – 4272 2554/ / ଟୋଲ ଫ୍ରି ନଂ. : 1-800-1026371

ମାମଲାକୁ ପରୀକ୍ଷା କରିବା ପରେ, ଏପରି ଆପତ୍ତି/ଅଭିଯୋଗ ପ୍ରାପ୍ତ ହେବାର ଛଅ (6) ସପ୍ତାହ ଅବଧି ମଧ୍ୟରେ ଆମର ଉତ୍ତର ଗ୍ରାହକଙ୍କୁ ଯୋଗାଇବା ପାଇଁ ଆମର ପ୍ରୟାସ ରହିବ ।

ଯଦି ଗ୍ରାହକ କମ୍ପାନୀଠାରୁ କୌଣସି ପ୍ରତ୍ୟୁତ୍ତର ପାଆନ୍ତି ନାହିଁ କିମ୍ବା ପ୍ରାପ୍ତ ହୋଇଥିବା ପ୍ରତ୍ୟୁତ୍ତରକୁ ନେଇ ଅସନ୍ତୁଷ୍ଟ ହୁଅନ୍ତି ତେବେ ଅଭିଯୋଗକର୍ତ୍ତା ନ୍ୟାସନାଲ ହାଉସିଂ ବ୍ୟାଙ୍କର ଅଭିଯୋଗ ନିରାକରଣ କୋଷରେ ସେ ଅନ୍‌ଲାଇନ୍‌ରେ ଲିଙ୍କ୍ http://grids.nhbonline.org.in କିମ୍ବା ଲିଙ୍କ୍ http://www.nhb.org.in/Grievance-Redressal-System/Lodging-Complaint-Against-HFCsNHB%E2%80%93Physical-Mode.pdf ,ରେ ଉପଲବ୍ଧ ନିର୍ଦ୍ଧାରିତ ଫର୍ମାଟ୍‌ରେ ଅଫ୍‌ଲାଇନ୍‌ରେ ନିମ୍ନ ଠିକଣାରେ ଡାକଯୋଗେ ସେ ନିଜର ଅଭିଯୋଗ ଦାଖଲ କରିପାରିବେ:

ଅଭିଯୋଗ ନିରାକରଣ କୋଷ, ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନ ବିଭାଗ, 4ର୍ଥ ମହଲା, କୋର୍-5ଏ, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-110003

ଏତଦ୍ଦ୍ୱାରା ସମ୍ମତି ପ୍ରଦାନ କରାଯାଉଛି ଯେ, ଋଣର ସବିସ୍ତୃତ ନିୟମ ଓ ସର୍ତ୍ତାବଳୀ ନିମନ୍ତେ, ପକ୍ଷମାନେ ଏତଦ୍‌ପଶ୍ଚାତ୍ ଋଣ ରାଜିନାମା ତଥା ସେମାନଙ୍କ ମଧ୍ୟରେ ସ୍ୱାକ୍ଷରିତ/ ସ୍ୱାକ୍ଷରିତ ହେବାକୁ ଥିବା ଅନ୍ୟାନ୍ୟ ସୁରକ୍ଷା କାଗଜପତ୍ର ଦେଖିବେ ଓ ଭରସା କରିବେ ।

ମୁଁ/ଆମ୍ଭେ ଋଣଗ୍ରହୀତା ଏତଦ୍ଦ୍ୱାରା ସୁନିଶ୍ଚିତ ଏବଂ ଘୋଷଣା କରୁଛୁ ଯେ ଉପରୋକ୍ତ ନିୟମ ଓ ସର୍ତ୍ତାବଳୀକୁ କମ୍ପାନୀର ଶ୍ରୀ/ସୁଶ୍ରୀ ଙ୍କ ________________ ଦ୍ୱାରା ମୋତେ/ଆମ୍ଭକୁ ମୋ/ଆମ୍ଭ ଆଞ୍ଚଳିକ ଭାଷାରେ ପଢ଼ି ଶୁଣାଇଦିଆଯାଇଛି । ମୁଁ/ଆମ୍ଭେ ଉପରେ ଦର୍ଶାଯାଇଥିବା ନିୟମ ଓ ସର୍ତ୍ତାବଳୀକୁ ବୁଝିଛି/ବୁଝିଛୁ ଏବଂ ତାହାକୁ ଅନୁପାଳନ କରିବା ପାଇଁ ସମ୍ମତି, ସୁନିଶ୍ଚିତୀକରଣ ପ୍ରଦାନ ଏବଂ ଘୋଷଣା କରୁଛି/କରୁଛୁ । ମୁଁ/ଆମ୍ଭେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀର ଏକ ପ୍ରତିଲିପି ପ୍ରାପ୍ତିର ପ୍ରାପ୍ତିସ୍ୱୀକାର କରୁଛି/କରୁଛୁ ।

| **ଋଣଗ୍ରହୀତା(ମାନଙ୍କ) ନାମ**<br><br><br><br>**ଦସ୍ତଖତ(ମାନ)** | **ଇଡେଲୱାଇସ୍ ହାଉସିଂ ଫାଇନାନ୍ସ ଲିମିଟେଡ୍**<br><br><br><br>**ଅଧିକୃତ ଦସ୍ତଖତକର୍ତ୍ତା** |
|---|---|